# ରଥଯାତ୍ରା



ରଥଯାତ୍ରା ହେଉଛି ମହାପ୍ରଭୁଙ୍କର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଉତ୍ସବ । ଏହି ରଂଗାରଂଗ ଉତ୍ସବଟି ପ୍ରତିବର୍ଷ ଜୁନ୍-ଜୁଲାଇ ମାସରେ ଅନୁଷ୍ଠିତ ହୋଇଥାଏ । ଦେଶବିଦେଶରୁ ଲକ୍ଷଲକ୍ଷ ଭକ୍ତଙ୍କୁ ଏହି ରଥଯାତ୍ରା ଆକର୍ଷିତ କରିଥାଏ । ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଭିନ୍ନ ଧର୍ମ, ସଂପ୍ରଦାୟର ଭକ୍ତଗଣଙ୍କୁ ଦର୍ଶନ ଦେବା ନିମନ୍ତେ ତାଙ୍କ ପବିତ୍ର ଆସ୍ଥାନରୁ ବାହାରକୁ ଆସିଥାନ୍ତି । ଏହି ପବିତ୍ର ରଥଯାତ୍ରାରେ ଅଂଶଗ୍ରହଣ କରୁଥିବା ଭକ୍ତଗଣ ସ୍ୱର୍ଗାରୋହଣର ପୁଣ୍ୟ ଆହରଣ କରିଥାନ୍ତି ।

'ସ୍ନାନ ପୂର୍ଣ୍ଣିମା' ଏହି ଉତ୍ସବର ପ୍ରାରମ୍ଭିକ ପର୍ଯ୍ୟାୟ । ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା ସ୍ନାନବେଦୀ ଭାବରେ ପରିଚିତ ଏକ ଖୋଲା ମଣ୍ଡପରେ ସ୍ନାନ କରିଥାନ୍ତି । ତତ୍‌ପରେ, ସେମାନେ ୧୫ ଦିନ ପାଇଁ ଅବସର ନିଅନ୍ତି । ତାହା ଅନବସର ନାମରେ ଖ୍ୟାତ । ଅନବସର ପରେ ଦିଅଁମାନେ ବର୍ଣ୍ଣାଢ୍ୟ ଭବ୍ୟ ରୋଷଣୀ ମଧ୍ୟରେ ଶ୍ରୀମନ୍ଦିରରୁ ବାହାରି ନିଜ ନିଜ ରଥରେ ଆସୀନ ହୁଅନ୍ତି ଏବଂ ଏହାପରେ ନିର୍ଦ୍ଦିଷ୍ଟ ରୀତିନୀତି କ୍ରମେ ବହୁପ୍ରତୀକ୍ଷିତ 'ରଥଯାତ୍ରା' ଅନୁଷ୍ଠିତ ହୋଇଥାଏ ।

ବୌଦ୍ଧ, ଜୈନ ଏବଂ ହିନ୍ଦୁମାନଙ୍କ ବିଭିନ୍ନ ଶାସ୍ତ୍ରରେ ରଥଯାତ୍ରା ସଂପର୍କରେ ତଥ୍ୟ ମିଳିଥାଏ । ତେବେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଥିବା ପ୍ରଚଳିତ ଧାରଣା ବିଶେଷ ଆଦୃତି ଲାଭ କରିପାରିଛି । ପ୍ରଚଳିତ ଧାରଣା ଅନୁଯାୟୀ, ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରକୃତରେ ଓଡିଶାର ଏକ ଅନୁସୂଚିତ ଜନଜାତି 'ଶବର' ଦ୍ୱାରା ପୂଜିତ ହେଉଥିଲେ । ମନ୍ଦିରରୁ ସଂକ୍ଷିପ୍ତ ସମୟ ନିମନ୍ତେ ବାହାରକୁ ଆସି 'ପତିତ'ମାନଙ୍କୁ ଦର୍ଶନ ଦେଇ ସେମାନଙ୍କୁ ମୁକ୍ତି ପ୍ରଦାନ ମହାପ୍ରଭୁଙ୍କ ଏହି ରଥଯାତ୍ରାର ଉଦ୍ଦେଶ୍ୟ । ମହାପ୍ରଭୁ ଶ୍ରୀଜଗନ୍ନାଥ, ଭ୍ରାତା ଶ୍ରୀବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ସୁସଜ୍ଜିତ ରଥତ୍ରୟ ହଜାର ହଜାର ଭକ୍ତଗଣଙ୍କ ଦ୍ୱାରା ଶ୍ରୀମନ୍ଦିରର ସିଂହଦ୍ୱାରଠାରୁ ପ୍ରାୟ ୩ କି.ମି. ଦୂର ଗୁଣ୍ଡିଚା ମନ୍ଦିର ନିକଟକୁ ଟାଣି ଟାଣି ନିଆଯାଇଥାଏ । ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ ଓ ଭାଇଭଉଣୀଙ୍କ ସପ୍ତଦିନ ବ୍ୟାପୀ ରହଣୀ ହୁଏ ।

ଯେତେବେଳେ ଶ୍ରୀକ୍ଷେତ୍ର ପୁରୀ ବଡଦାଣ୍ଡରେ ଦର୍ଶନାଭିଳାଷୀମାନଙ୍କ ଗହଣରେ ଏହି ସୁସଜ୍ଜିତ ରଥଗୁଡିକ ଆଗେଇଯାଉଥାଏ ସେତେବେଳେ ପରିବେଶ ଅତ୍ୟନ୍ତ ପବିତ୍ରମୟ ହୋଇଯାଇଥାଏ । ଗେରୁଆ ବସ୍ତ୍ର ପରିଧାନପୂର୍ବକ ମହାପ୍ରଭୁ ଶ୍ରୀଜଗନ୍ନାଥ ତଥା ଶ୍ରୀକୃଷ୍ଣଙ୍କ ପ୍ରତି ନିଜର ଭକ୍ତି ନୈବେଦ୍ୟ ବାଡି ଝାଂଜ ଓ ମୃଦଙ୍ଗ ତାଳେତାଳେ ବିଦେଶୀ ଭକ୍ତମଣ୍ଡଳୀଙ୍କ ନୃତ୍ୟ ଓ ଭକ୍ତି ସଂଗୀତ ବାସ୍ତବିକ୍ ଆନନ୍ଦଦାୟକ ।

ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ନବମ ଦିବସରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି, ତାହା 'ବାହୁଡା ଯାତ୍ରା' ରୂପେ ସର୍ବଜନବିଦିତ ।

'ଗୁଣ୍ଡିଚା ମନ୍ଦିରରେ ସପ୍ତଦିନ ବ୍ୟାପୀ ରହଣୀ ସାରି ଦଶମ ଦିବସ ତଥା ଆଷାଢ ଶୁକ୍ଳପକ୍ଷରେ ତାଙ୍କର ବାହୁଡା ଯାତ୍ରା ଆରମ୍ଭ କରିଥାନ୍ତି । ରଥଯାତ୍ରା ପରି ବାହୁଡା ଯାତ୍ରା ସମାନ ରୀତିନୀତି ପୂର୍ବକ ସମାପନ ହୋଇଥାଏ । ଶ୍ରୀବଳଭଦ୍ରଙ୍କ ରଥ ପ୍ରଥମେ ଚଳମାନ ହୁଅନ୍ତି, ତତ୍‌ପରେ ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଶ୍ରୀମନ୍ଦିର ଅଭିମୁଖେ ଗତି କରେ । ବାହୁଡା ଯାତ୍ରା କାଳରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମାଉସୀ ମା' ନାମରେ ଖ୍ୟାତ ଅର୍ଦ୍ଧାସନୀ ମନ୍ଦିର ନିକଟରେ କିଛି ସମୟ ନିମନ୍ତେ ଅଟକିଯାଆନ୍ତି । ସେଠାରେ ମାଉସୀ ମା' ଙ୍କ ପୋଡପିଠା ଭୋଗ ଗ୍ରହଣ କରିଥାନ୍ତି ।

ହଜାର ହଜାର ଭକ୍ତଙ୍କ ମେଳରେ ଟଣାଯାଉଥିବା ରଥଗୁଡିକ ବାହୁଡା ଦିବସର ବିଳମ୍ବିତ ଅପରାହ୍ନରେ ସିଂହଦ୍ୱାର ସମ୍ମୁଖରେ ପହଂଚେ । ପରଦିନ ବଡ ଏକାଦଶୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ସ୍ୱର୍ଣ୍ଣ ଆଭୂଷଣରେ ଅଳଂକୃତ ହୋଇଥାନ୍ତି, ଏହା 'ସୁନାବେଶ' ରୂପେ ଜଣାଶୁଣା । ଦ୍ୱାଦଶୀ ଦିନ ମହାପ୍ରଭୁ ଶ୍ରୀମନ୍ଦିର ରତ୍ନ ସିଂହାସନକୁ ପହଣ୍ଡି ଶୈଳୀରେ ବିଜେ କରନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରତ୍ନ ସିଂହାସନ ବିଜେ ପରେ ଏହି ପବିତ୍ର ରଥଯାତ୍ରା ସମାପନ ହୋଇଥାଏ ।

## ରଥ

ରଥର କଳସ ବ୍ୟତୀତ ପ୍ରତିବର୍ଷ ତିନି ରଥ ନୂତନ ଭାବେ ନିର୍ମିତ ହୋଇଥାଏ । ୧୪ ଜଣ ପାର୍ଶ୍ୱ ଦେବତା, ସାରଥୀ ଏବଂ ଅଶ୍ୱ । ୧୦୭୨ ଖଣ୍ଡ କାଠ ଗଣ୍ଡି (ଫାଶୀ, ଧଉରା, ମଇ, ସିମିଳି) ଦଶପଲ୍ଲା ଓ ରଣପୁର ଜଙ୍ଗଲରୁ ସଂଗୃହୀତ ହୁଏ । ପାଖାପାଖି ୧୨୫ ଜଣ ଶ୍ରୀମନ୍ଦିର ବଢେଇ ( ସହାୟତାକାରୀଙ୍କ ସମେତ) ଶ୍ରୀନଅର ସମ୍ମୁଖରେ ୫୮ ଦିନ ଧରି କାର୍ଯ୍ୟ କରିଥାନ୍ତି ଓ ତିନିଗୋଟି ରଥର ନିର୍ମାଣ ନିମନ୍ତେ ୨,୧୮୮ ଖଣ୍ଡ କାଠ ବ୍ୟବହାର କରିଥାନ୍ତି । ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୁଏ । ପ୍ରତ୍ୟେକ ରଥର ନୂତନ ତଥା ଉଜ୍ଜ୍ୱଳ କପଡାରେ ଆବରଣ ହୁଏ । ହାରାହାରି ୧,୦୯୦ ମିଟର କପଡା ଏହି ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥାଏ । ଏହି ରଥଗୁଡିକ ଚାରିଗୋଟି ଲମ୍ବା ତଥା ଶକ୍ତ ଦଉଡି ( ପ୍ରତ୍ୟେକ ୨୪୦-୨୫୦' ୮'' ବ୍ୟାସ ବିଶିଷ୍ଟ) ରେ ବନ୍ଧା ଯାଇଥାଏ, ଯାହାଫଳରେ ଏହାକୁ ଟାଣିବାରେ ଭକ୍ତଗଣଙ୍କୁ ସହଜ ହୋଇଥାଏ । କେରଳ କତା ନିଗମ ଏହି ସ୍ୱତନ୍ତ୍ର ଭାବେ ନିର୍ମିତ ନଡିଆ କତା ଦଉଡି ଯୋଗାଇଥାଏ । ଏହି ଉଦ୍ଦେଶ୍ୟରେ ବ୍ୟବହୃତ ହେବାକୁ ଥିବା ଲୁହା କଣ୍ଟା, କ୍ଲାମ୍ପ୍ ଇତ୍ୟାଦି ସ୍ଥାନୀୟ କମାରଙ୍କ ଦ୍ୱାରା ଦୋଳବେଦୀ ନିକଟରେ ଦେଶୀୟ ପଦ୍ଧତିରେ ତିଆରି କରାଯାଏ ଏବଂ ଏଥିପାଇଁ ଏକ ମାସ ସମୟ ଲାଗେ । ରଥଗୁଡିକର ନିର୍ମାଣ ଶୈଳୀ ଏହାକୁ ସୁଦୃଢ ତଥା ମଜ୍‌ଭୁତ୍ କରିଥାଏ । ରଥଗୁଡିକର (ଚକ ଉପରେ) ନିର୍ମାଣରେ ବିଭିନ୍ନ ପର୍ଯ୍ୟାୟରେ ୧୮ଗୋଟି ଖମ୍ବ ଓ ଏହାର ଛାତ ଥାଏ ଯାହା ଭୂଇଁ, ପୋଟଳ, ପାରାଭାଡି ଇତ୍ୟାଦି ନାମରେ ଜଣା । ପ୍ରତ୍ୟେକ ରଥରେ କାଷ୍ଠ ନିର୍ମିତ ନଅ ପାର୍ଶ୍ୱଦେବତା, ଦୁଇ ଜଣ ଦ୍ୱାରପାଳ ଏବଂ ଜଣେ ସାରଥୀ ଓ ଧ୍ୱଜ ଦେବତା ବିଜେ କରିଥାନ୍ତି ।

## ରଥ ବର୍ଣ୍ଣନା

### ଶ୍ରୀଜଗନ୍ନାଥଙ୍କ ରଥ-ନନ୍ଦିଘୋଷ/ଗରୁଡଧ୍ୱଜ/କପିଧ୍ୱଜ

| | | |
|---|---|---|
| ଚକର ସଂଖ୍ୟା | - | ୧୬ |
| ବ୍ୟବହୃତ ସମୁଦାୟ କାଠ ଖଣ୍ଡ | - | ୮୩୨ |
| ଉଚ୍ଚତା | - | ୧୩'.୫ମି. |
| ଲମ୍ବା ଓ ଓସାର | - | ୩୪'.୬" x ୩୪'.୬" |

| | | |
|---|---|---|
| ଆବରଣ | – | ଲାଲ୍, ହଳଦିଆ ରଂଗର କପଡା |
| ରଥ ରକ୍ଷକ | – | ଗରୁଡ |
| ସାରଥୀଙ୍କ ନାମ | – | ଡାହୁକ |
| ଧ୍ୱଜା | – | ତ୍ରୈଲୋକ୍ୟମୋହିନୀ |
| ଅଶ୍ୱ | – | ଶଙ୍ଖ, ବାଳହକ, ଶ୍ୱେତ, ହରିତାଶ୍ୱ |
| ଦଉଡି | – | ଶଙ୍ଖଚୂଡ |
| ଅଧିଷ୍ଠିତ ନବ ଦେବତା | – | (୧) ବରାହ, (୨) ଗୋବର୍ଦ୍ଧନ, (୩) କୃଷ୍ଣ, ଗୋପୀକୃଷ୍ଣ, (୪) ନୃସିଂହ, (୫) ରାମ, (୬) ନାରାୟଣ, (୭) ତ୍ରିବିକ୍ରମ, (୮) ହନୁମାନ ଏବଂ (୯) ରୁଦ୍ର |

**ଶ୍ରୀବଳଭଦ୍ରଙ୍କ ରଥ–ତାଳଧ୍ୱଜ**

| | | |
|---|---|---|
| ଚକର ସଂଖ୍ୟା | – | ୧୪ |
| ବ୍ୟବହୃତ ସମୁଦାୟ କାଠ ଖଣ୍ଡ | – | ୭୬୩ |
| ଉଚ୍ଚତା | – | ୧୩'.୨ମି. |
| ଲମ୍ୱା ଓ ଓସାର | – | ୩୩' x ୩୩' |
| ଆବରଣ | – | ଲାଲ୍, ନୀଳ ସବୁଜ ରଂଗର କପଡା |
| ରଥ ରକ୍ଷକ | – | ବାସୁଦେବ |
| ସାରଥୀଙ୍କ ନାମ | – | ମାତଳୀ |
| ଧ୍ୱଜା | – | ଉନ୍ନନି |
| ଅଶ୍ୱ | – | ତୀବ୍ର, ଘୋର, ଦୀର୍ଘଶ୍ରମ, ସ୍ୱର୍ଣ୍ଣନାଭ |
| ଦଉଡି | – | ବାସୁକୀ |
| ଅଧିଷ୍ଠିତ ନବ ଦେବତା | – | (୧) ଗଣେଶ, (୨) କାର୍ତ୍ତିକେୟ, (୩) ସର୍ବମଙ୍ଗଳା, (୪) ପ୍ରଲମ୍ବାରୀ, (୫) ହତାୟୁଦ୍ଧ, (୬) ମୃତ୍ୟୁଞ୍ଜୟ, (୭) ନଟମ୍ବର, (୮) ମୁକ୍ତେଶ୍ୱର ଏବଂ (୯) ଶେଷଦେବ |

**ଦେବୀ ସୁଭଦ୍ରାଙ୍କ ରଥ–ଦର୍ପଦଳନ/ପଦ୍ମଧ୍ୱଜ**

| | | |
|---|---|---|
| ଚକର ସଂଖ୍ୟା | – | ୧୨ |
| ବ୍ୟବହୃତ ସମୁଦାୟ କାଠ ଖଣ୍ଡ | – | ୫୯୩ |
| ଉଚ୍ଚତା | – | ୧୨'.୯ମି. |
| ଲମ୍ୱା ଓ ଓସାର | – | ୩୧'.୬" x୩୧'.୬" |
| ଆବରଣ | – | ଲାଲ୍, କଳା ରଂଗର କପଡା |
| ରଥ ରକ୍ଷକ | – | ଜୟଦୁର୍ଗା |
| ସାରଥୀଙ୍କ ନାମ | – | ଅର୍ଜୁନ |
| ଧ୍ୱଜା | – | ନାଦମ୍ବିକା |
| ଅଶ୍ୱ | – | ରୋଚିକା, ମୋଚିକା, ଜିତା, ଅପରାଜିତା, |
| ଦଉଡି | – | ସ୍ୱର୍ଣ୍ଣଚୂଡ |
| ଅଧିଷ୍ଠିତ ନବ ଦେବତା | – | (୧) ଚଣ୍ଡି, (୨) ଚାମୁଣ୍ଡା, (୩) ଉଗ୍ରତାରା, (୪) ବନଦୁର୍ଗା, (୫) ଶୂଳୀଦୁର୍ଗା, (୬) ବରାହୀ, (୭) ଶ୍ୟାମାକାଳୀ, (୮) ମଙ୍ଗଳା ଏବଂ (୯) ବିମଳା । |

❖ ❖ ❖